# NATIONAL NEWS BULLETIN (ODIA)

**17 September - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶର ପ୍ରତ୍ୟେକ ନାଗରିକ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଅଙ୍ଗୀକାରବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି-କହିଲେ ପ୍ରଧାନମନ୍ତ୍ରୀ ।

- ନୂଆଦିଲ୍ଲୀରେ ସେମିକନ ଇଣ୍ଡିଆ ୨୦୨୬ ସମ୍ମିଳନୀକୁ କଲେ ଉଦ୍‌ଘାଟନ ।

- ଜନ୍ମଦିବସ ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ଦେଶବିଦେଶର ଶୀର୍ଷ ନେତୃବୃନ୍ଦ ।

- ପ୍ରଧାନମନ୍ତ୍ରୀଙ୍କ ଜନସେବାର ୨୫ବର୍ଷ ପୂର୍ତ୍ତି ଅବସରରେ ଆଜିଠାରୁ ମାସେବ୍ୟାପୀ ଆରମ୍ଭ ହେଲା 'ସେବା ସଂକଳ୍ପ ଅଭିଯାନ' ।

- ଦେଶବ୍ୟାପୀ ଆଜିଠାରୁ ଆରମ୍ଭ ହେଲା ସ୍ୱଚ୍ଛାତା ହିଁ ସେବା ଅଭିଯାନ ୨୦୨୬ ।

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍‌ରେ ଆଜି ଭାରତ-ଆଫଗାନିସ୍ତାନ ମଧ୍ୟରେ ଖେଳାଯିବ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ।

# ପିଏମ୍-ସେମିକଣ୍ଡକ୍ଟର

ଦେଶର ପ୍ରତ୍ୟେକ ନାଗରିକ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଅଙ୍ଗୀକାରବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀର ଯଶୋଭୂମୀଠାରେ ସେମିକନ ଇଣ୍ଡିଆ ୨୦୨୬ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ମୋଦୀ ଏହା କହିଛନ୍ତି । ବୈଶ୍ୱିକ ଆହ୍ୱାନ ସତ୍ତ୍ୱେ ଭାରତ ୭ ଦଶମିକ ୮ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O**

ଦେଶର ସେମିକଣ୍ଡକ୍ଟର ଇକୋ ସିଷ୍ଟମ ବ୍ୟାପକ ହେଉଛି ଏବଂ ଏହା ନବସୃଜନ, ନିବେଶ ଓ ଅଭିବୃଦ୍ଧି ପାଇଁ ନୂତନ ମାର୍ଗ ଉନ୍ମୁକ୍ତ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବିଶ୍ୱସ୍ତରରେ ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରରେ ଭାରତକୁ ଏକ ପସନ୍ଦଯୋଗ୍ୟ  ରାଷ୍ଟ୍ରଭାବେ ସ୍ଥାନିତ କରିବା ଲାଗି ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଭାରତରେ ନିର୍ମିତ ଚିପ୍ସ ଏବେ ଦେଶ ତଥା ବିଦେଶରେ ମଧ୍ୟ ଉପଲବ୍ଧ ହେଉଛି । ପ୍ରଧାନମନ୍ତ୍ରୀ କହିଛନ୍ତି ମୋହାଲି ସୁରଟରେ ଦୁଇଟି ସେମିକଣ୍ଡକ୍ଟର ପ୍ଲାଣ୍ଟରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ହୋଇସାରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ସେମିକଣ୍ଡକ୍ଟର ମିଶନ ୨ ପଏଣ୍ଟ ଓ ର ପ୍ରଥମ ପର୍ଯ୍ୟାୟରେ ବ୍ୟୟ ଅଟକଳ ୮ ବିଲିୟନ ଆମେରିକୀୟ ଡଲାରରୁ ୧୩ ଦଶମିକ ୫ ବିଲିୟନ ଡଲାରକୁ ବୃଦ୍ଧି ପାଇଛି । ଏପର୍ଯ୍ୟନ୍ତ ୧୨ଟି ଚିପ୍ସ ନିର୍ମାଣ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ

କରାଯାଇଛି । ଭବିଷ୍ୟତରେ ଏହା ଅଧୀକ ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM Semi)**

ଏହି ଅବସରରେ ଶ୍ରୀ ମୋଦୀ ବ୍ରିକ୍ସ ସମ୍ମିଳନୀର ସଫଳତା ଉପରେ ଆଲୋକପାତ କରିଛନ୍ତି । ଭାରତ ପ୍ରତି ଆନ୍ତର୍ଜାତିକ ସ୍ତରରେ ବୃଦ୍ଧି ପାଉଥିବା ବିଶ୍ୱାସର ଏହା ପ୍ରତିଫଳନ ବୋଲି ସେ ବର୍ଣ୍ଣନା କରିଛନ୍ତି ।

ସମାରୋହରେ ଉଦ୍‌ବୋଧନ ଦେଇ ଇଲେକ୍ଟ୍ରୋନିକ୍ସ ଓ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନ ବୈଷ୍ଣବ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତରେ ସେମିକଣ୍ଡକ୍ଟ ଶିଳ୍ପ ପ୍ରତିଷ୍ଠା ସମ୍ଭବ ହୋଇପାରିଛି । ସେମିକନ୍ ୨ ପଏଣ୍ଟ ଓ ଅଧୀନରେ ଶିଳ୍ପ ପ୍ରତିଷ୍ଠା ୬ଟି ପ୍ରମୁଖ ପ୍ରସଙ୍ଗ ଉପରେ କେନ୍ଦ୍ରୀଭୂତ ହୋଇଛି । ସେଗୁଡ଼ିକ ହେଉଛି ସେମିକଣ୍ଡକ୍ଟର ଡିଜାଇନ୍, ମେସିନ୍ ଏବଂ ସାମଗ୍ରୀ, ମେମୋରୀ, ସିଲିକନ୍, କମ୍ପାଉଣ୍ଡ୍ ଏବଂ ଲଜିକ୍ ଫାବ୍ରିକେସନ ୟୁନିଟ୍ ଓ ଗବେଷଣା ଏବଂ ବିକାଶ ।

ଏହି ସମ୍ମିଳନୀରେ ୬୦୦ରୁ ଅଧିକ ପ୍ରଦର୍ଶକ, ୩୦୦ ଆନ୍ତର୍ଜାତୀୟ କମ୍ପାନୀ ଏବଂ ୫୦ରୁ ଅଧିକ ଦେଶର ପ୍ରତିନିଧି ଅଂଶଗ୍ରହଣ କରୁଛନ୍ତି । ଜାପାନ, ଦକ୍ଷିଣକୋରିଆ, ମାଲେସିଆ, ନେଦରଲ୍ୟାଣ୍ଡ୍ସ, ସିଙ୍ଗାପୁର ଓ ସ୍ୱିଡେନ୍ ସମେତ ଭାରତର ୧୨ଟି ରାଜ୍ୟର ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଛି । ସହଯୋଗ, ନିବେଶ, ନବସୃଜନ ଏବଂ ଦକ୍ଷତା ବିକାଶକୁ

ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ତିନିଦିନିଆ ସମ୍ମିଳନୀ ଅନୁଷ୍ଠିତ ହେଉଛି ।

## ମୋଦୀଙ୍କ ଜନ୍ମଦିନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିବସ ଅବସରରେ ଦେଶବିଦେଶର ଶୀର୍ଷ ନେତୃବୃନ୍ଦ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ସେମାନଙ୍କ ମଧ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭା ଉପାଧ୍ୟକ୍ଷ ଡକ୍ଟର ହରିବଂଶ, କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ବିଭିନ୍ନ ରାଜ୍ୟର ରାଜ୍ୟପାଳ ଓ ଶୀର୍ଷ ନେତୃତ୍ୱ, ସମାଜର ବିଭିନ୍ନ ବର୍ଗର ଲୋକ ତଥା ବିଦେଶୀ ରାଷ୍ଟ୍ରର ନେତା ଅନ୍ତର୍ଭୁକ୍ତ । କୃତଜ୍ଞତା ପ୍ରକାଶ କରି ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ ଅମନ ପନ୍ତଙ୍କ ଦ୍ୱାରା ଲିଖିତ ‘ଆର୍ଶୀବାଦ କା ଦିୟା’ ଶୀର୍ଷକ ଏକ ଗୀତ ପୋଷ୍ଟ କରିଛନ୍ତି । ଏଭିଳ ଶୁଭେଚ୍ଛା ଓ ଆଶୀର୍ବାଦ ତାଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି ବୋଲି ଶ୍ରୀମୋଦୀ କହିଛନ୍ତି । ଏହି ସଦିଚ୍ଛା ଅଧିକ ସମର୍ପଣ ଓ ନିଷ୍ଠାର ସହ ଦେଶବାସୀଙ୍କ ସେବା କରିବାରେ ତାଙ୍କ ସଂକଳ୍ପକୁ ଅଧିକ ମଜଭୁତ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ପି.ଏମ୍. ବାର୍ଥଡେ - ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଏବଂ ତାଙ୍କ ଜନସେବାର ୨୫ ବର୍ଷ ପୂର୍ତ୍ତି ଅବସରରେ ମାସେବ୍ୟାପୀ 'ସେବା ସଙ୍କଳ୍ପ ଅଭିଯାନ' ଆଜି ଗୁଜରାଟର ଭଡନଗରଠାରୁ ଆରମ୍ଭ ହୋଇଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ୍ ଭଡନଗରରୁ ବାରାଣସୀ ପର୍ଯ୍ୟନ୍ତ ଏକ ମୋଟର ସାଇକେଲ୍ ର୍‍ୟାଲିର ଶୁଭାରମ୍ଭ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ଶ୍ରୀ ଶାହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବା ରାଷ୍ଟ୍ରପ୍ରଥମ ନୀତି ଦ୍ୱାରା ଅନୁପ୍ରାଣିତ । ଆଜିରଦିବସ ସମାଜର ପ୍ରତ୍ୟେକ ବର୍ଗଙ୍କୁ ସେବାଯାତ୍ରାରେ ସାମିଲ ହେବାକୁ ପ୍ରେରଣା ପ୍ରଦାନ କରୁଛି । ୨୦୪୭ ବିକଶିତ ଭାରତ ସ୍ୱପ୍ନ ହାସଲ ଦିଗରେ ନିଃସ୍ୱାର୍ଥପରତାର ସହ ଅଧିକ ସମର୍ପଣ ଭାବର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି ।

**V/O**

ପ୍ରଧାନମନ୍ତ୍ରୀଙ୍କ ଜନସେବା ଜୀବନ ଉପରେ ଆଲୋକପାତ କରି ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ଶ୍ରୀମୋଦୀଙ୍କ ନିରନ୍ତର କାର୍ଯ୍ୟଶୈଳୀ ଉପରେ ସୂଚନା ପ୍ରଦାନ କରିଛନ୍ତି । ଏହି ୨୫ ବର୍ଷର ଜନସେବା ଯାତ୍ରାରେ ଶ୍ରୀ ମୋଦୀଙ୍କ ବିରୁଦ୍ଧରେ ଦୁର୍ନୀତି କିମ୍ବା ଅନ୍ୟକୌଣସି ଅଭିଯୋଗ ଆସିନାହିଁ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି । ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଦେଶର ବିଭିନ୍ନ କ୍ଷେତ୍ରରେ ସଂସ୍କାରମୂଳକ ପରିବର୍ତ୍ତନ ଆସିପାରିଛି । ବିଶ୍ୱର ୫ଟି ଦୁର୍ବଳ ରାଷ୍ଟ୍ରର ସୀମା ଡେଇଁ ଭାରତ ଏବେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ ହୋଇଛି । ବନ୍ଦର, ସଡ଼କ ଓ ଆକାଶପଥ ଏବଂ ଡିଜିଟାଲ ନେଟଓ୍ୱର୍କରେ ଭିତ୍ତିଭୂମିରେ ବ୍ୟାପକ ବିକାଶ

ଭାରତକୁ ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ର ଭାବରେ ପରିଚୟ ଦେଇ ପାରିଛି ବୋଲି ଶ୍ରୀ ଶାହା କହିଛନ୍ତି ।

ଶ୍ରୀ ମୋଦୀଙ୍କ ଜନ୍ମଦିନ ଅବସରରେ ଆଜି ତାଙ୍କ ଜନ୍ମସ୍ଥାନ ଭଡନଗରରେ ଅନେକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଐତିହାସିକ ଶର୍ମିଷ୍ଠା ହ୍ରଦଠାରେ ଏକ ଆରତୀ ସମାରୋହରେ ଅଂଶଗ୍ରହଣ କରିଥିଲେ । ସେଠାରୁ ହଟକେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ଭଡନଗର ରେଳଷ୍ଟେସନଠାରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ସ୍ୱଚ୍ଛତା ହିଁ ସେବା

ସ୍ୱଚ୍ଛତା ହିଁ ସେବା ଅଭିଯାନ-୨୦୨୬ ଆଜିଠାରୁ ଦେଶ ବ୍ୟାପି ଆରମ୍ଭ ହୋଇଛି । ଏହି ଅଭିଯାନ ଆସନ୍ତାମାସ ୧୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ସ୍ୱଚ୍ଛତାକୁ ପ୍ରାଥମିକତା ପ୍ରଦାନ କରିବା, ସାର୍ବଜନୀନ ସ୍ଥାନଗୁଡ଼ିକରେ ସ୍ୱଚ୍ଛତା ଆଧାରିତ ସଂସ୍କାର ଏବଂ ଏଥିରେ ଯୁବପିଢ଼ିଙ୍କୁ ସାମିଲ କରିବା ହେଉଛି ଏହି ଅଭିଯାନର ମୂଳଲକ୍ଷ୍ୟ । ଏହା ଦ୍ୱାରା ପୁନଃ ସଂଯୋଜିତ ଅର୍ଥନୀତି ଏବଂ ବର୍ଜ୍ୟବସ୍ତୁରୁ ଆୟ ସାଧନର ମାର୍ଗ ଉନ୍ମୁକ୍ତ ହୋଇପାରିବ । ସ୍ୱଚ୍ଛତାରେ ସହଭାଗୀ, ସ୍ୱଚ୍ଛ ଭାରତ, ବିକଶିତ ଭାରତ ଏବଂ ସ୍ୱଚ୍ଛ ଓ ବିକଶିତ ଭାରତ ଦୃଷ୍ଟିକୋଣକୁ ତ୍ୱରାନ୍ୱିତ କରିବାରେ ସାମୂହିକ ଅଂଶଗ୍ରହଣ ତଥା ସହଭାଗୀ ଦାୟିତ୍ୱ ପ୍ରସଙ୍ଗ ଆଧାରରେ ଏହି ଅଭିଯାନ କାର୍ଯ୍ୟକାରୀ କରାଯିବ । ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ହିଁ ସେବା ଅଭିଯାନ ସ୍ୱଚ୍ଛ ଭାରତ

ମିଶନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ସେବାର ୨୫ ବର୍ଷ ପୂରଣ ଅବସରରେ ଆସନ୍ତାମାସ ୭ ତାରିଖରେ ସ୍ୱତନ୍ତ୍ର ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ରାଜ୍ୟଗୁଡ଼ିକୁ ଅନୁରୋଧ କରାଯାଇଛି ।

ଏହିଅଭିଯାନ ସମ୍ପର୍କରେ ଅଧିକ ସୂଚନାପ୍ରଦାନ କରି ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ କହିଛନ୍ତି ବେଳାଭୂମି ସମେତ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ସଫେଇ ଉପରେ ବିଶେଷ ଧ୍ୟାନ କେନ୍ଦ୍ରୀଭୂତ ହେବ । ଅକ୍ଟୋବର ପହିଲାରେ ୧ ଦିନ ୧ ଘଣ୍ଟା ଏକ ସହଯୋଗ ଦୃଷ୍ଟିକୋଣ ଆଧାରରେ ଦେଶବ୍ୟାପୀ ଏକକାଳୀନ ସ୍ୱେଚ୍ଛାକୃତ ଶ୍ରମଦାନ ଓ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହେବ ବୋଲି ଶ୍ରୀ ପାଟିଲ କହିଛନ୍ତି ।

ଆସନ୍ତାମାସ ୨ ତାରିଖ ଗାନ୍ଧିଜୟନ୍ତୀ ଅବସରରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ ଦ୍ୱାରା ସାର୍ବଜନୀନ କ୍ଷେତ୍ରରେ ସ୍ୱତନ୍ତ୍ର ଅଭିଯାନ ଆୟୋଜନ କରାଯିବ । ଏକ୍ ପେଡ୍ ମା’ କେ ନାମ୍ ପଦକ୍ଷେପ ଅଧୀନରେ ଚାରା ରୋପଣକୁ ମଧ୍ୟ ପ୍ରୋତ୍ସାହନ ପ୍ରଦାନ କରାଯିବ ।

## ପି.ଏମ୍. - ବିଶ୍ୱକର୍ମା

ପିଏମ୍ ବିଶ୍ୱକର୍ମା ଯୋଜନାକୁ ଆଜି ୩ ବର୍ଷ ପୂରଣ ହେଉଛି । ୩୦ ଲକ୍ଷ ହିତାଧିକାରୀ ଏଥିରେ ପଞ୍ଜିକୃତ ହୋଇଛି । ୨୦୨୩ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଏହି ଯୋଜନାକୁ ଉଲ୍ଲେଖନୀୟ ସଫଳତା ମିଳିଛି ।

୧୮ଟି ଚିହ୍ନିତ ବାଣିଜ୍ୟିକ କ୍ଷେତ୍ରରେ ପାରମ୍ପରିକ କାରିଗର ଏବଂ ହସ୍ତଶିଳ୍ପ କାରିଗରଙ୍କୁ ନିଜର ବ୍ୟାବସାୟିକ ପରିସର ବୃଦ୍ଧି କରିବା ଲାଗି ବିଭିନ୍ନ ସହାୟତା ଯୋଗାଇଦେବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ବିଶେଷ କରି ବିଶ୍ୱକର୍ମାମାନଙ୍କର ପାରମ୍ପରିକ  ଦକ୍ଷତାକୁ ଅଧିକ ସଶକ୍ତ କରିବା ଲାଗି ଏହି ଯୋଜନା ଅଧୀନରେ ଅତ୍ୟାଧୁନିକ ଜ୍ଞାନକୌଶଳ, ଆର୍ଥିକ ସହଯୋଗ, ବଜାର ସଂଯୋଗୀକରଣ ଏବଂ ଆନୁଷ୍ଠାନିକ ସହାୟତା ଯୋଗାଇ ଦିଆଯାଉଛି । ଏହାଦ୍ୱାରା ବିଶ୍ୱକର୍ମାମାନଙ୍କର ଆୟ, ଉଦ୍ୟମିତ ଦକ୍ଷତା ଏବଂ ଉତ୍ପାଦନ ବୃଦ୍ଧି ପାଇବାରେ ପ୍ରୋତ୍ସାହନ ମିଳୁଛି ।

## କ୍ରିକେଟ୍ - ଇଣ୍ଡିଆ-ଆଫଗାନିସ୍ତାନ

ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡୟିମ୍‌ଠାରେ ଆଜି ଭାରତ-ଆଫଗାନିସ୍ତାନ ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ କ୍ରିକେଟ୍ ପୁରୁଷ ବର୍ଗ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ସାଢ଼େ ୭ଟାରେ ଆରମ୍ଭ ହେବ ।

୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୨-୦ରେ ଆଗୁଆ ରହିଛି । ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଆଫଗାନିସ୍ତାନକୁ ୭ ୱିକେଟ୍‌ରେ ପରାସ୍ତ କରିଥିଲା । ଦଳ ପକ୍ଷରୁ ସଞ୍ଜୁ ସାମ୍‌ସନ୍ ୨୨ଟି ବଲ୍‌ରୁ ୫୭ ରନ୍ ସଂଗ୍ରହ କରିଥିଲେ ।